**ଶ୍ରୀମନ୍ତ ଶାମ୍ରାଓ ସୂର୍ଯ୍ୟବଂଶୀ ଏବଂ ଅନ୍ୟଜଣେ**

**ବନାମ**

**ଆଇନଗତ ପ୍ରତିନିଧିମାନଙ୍କ ମାଧ୍ୟମରେ ପ୍ରହ୍ଲାଦ ଭୈରବ ସୂର୍ଯ୍ୟବଂଶୀ (ମୃତ) ଏବଂ ଅନ୍ୟମାନେ**

**ଜାନୁଆରୀ 22,2002**

**[ଭି.ଏନ୍. ଖାରେ ଏବଂ ଅଶୋକ ଭାନ୍, ନ୍ୟାୟମୂର୍ତ୍ତିଦ୍ୱୟ]**

*ସମ୍ପତ୍ତି ହସ୍ତାନ୍ତର ଅଧିନିୟମ, 1882:*

*ଧାରା 53-A – ଆଂଶିକ ଅନୁପାଳନ – ଉକ୍ତ ଧାରା ଅଧୀନରେ ବୈଧାନିକ ସୁରକ୍ଷା – ହସ୍ତାନ୍ତରକାରୀଙ୍କ ଦ୍ୱାରା ହସ୍ତାନ୍ତରଗ୍ରାହୀଙ୍କ ବିରୁଦ୍ଧରେ ସମ୍ପତ୍ତିର ଦଖଲ ପାଇଁ ମକଦ୍ଦମା – ବିକ୍ରୟ ଚୁକ୍ତିନାମାର ଆଂଶିକ ଅନୁପାଳନ ସ୍ୱରୂପ ହସ୍ତାନ୍ତରଗ୍ରାହୀ ସମ୍ପତ୍ତିର ଦଖଲରେ ଅଛନ୍ତି – ନିର୍ଣ୍ଣୟ କରାଗଲା ଯେ, ଏଭଳି ହସ୍ତାନ୍ତରଗ୍ରାହୀ ନିଜର ଦଖଲକୁ ସୁରକ୍ଷିତ ରଖିପାରିବେ ବା ପ୍ରତିରକ୍ଷା କରିପାରିବେ – ଆହୁରି ମଧ୍ୟ, ଏଭଳି ସୁରକ୍ଷା ସେତେବେଳେ ବି ଉପଲବ୍ଧ ହେବ, ଯେତେବେଳେ ବିକ୍ରୟ ଚୁକ୍ତିନାମାର ସର୍ତ୍ତାନୁସାରେ ନିଷ୍ପାଦନ ପାଇଁ ଦାୟର ହେବାକୁ ଥିବା ମକଦ୍ଦମାଟି ତମାଦି ହୋଇଯାଇଥିବ; ଯେହେତୁ ସୀମାବଦ୍ଧତା ଅଧିନିୟମ କୌଣସି ପ୍ରତିରକ୍ଷାକୁ ବିଲୁପ୍ତ କରେ ନାହିଁ, ବରଂ କେବଳ ପ୍ରତିକାରକୁ ବାରଣ କରିଥାଏ – ସୀମାବଦ୍ଧତା ଅଧିନିୟମ, 1963 ।*

*ବିଧିର ବ୍ୟାଖ୍ୟା:*

*ବ୍ୟାଖ୍ୟାର ପ୍ରଣାଳୀ - କୌଣସି ବିଧି ବା ଅଧିନିୟମର ପ୍ରାବଧାନଗୁଡ଼ିକର ବ୍ୟାଖ୍ୟା କରିବା ସମୟରେ, ଅଦାଲତଗୁଡ଼ିକ ଉକ୍ତ ବିଧାନ ପ୍ରଣୟନ ପୂର୍ବରୁ ପ୍ରସ୍ତୁତ ହୋଇଥିବା ଯେକୌଣସି ଦଲିଲ କିମ୍ବା ବିବରଣୀକୁ ବୈଧ ଭାବେ ବିଚାରକୁ ନେଇପାରିବେ ।*

**ପ୍ରତିପକ୍ଷ ସଂଖ୍ୟା 3, ଅପିଲକାରୀ ସଂଖ୍ୟା 1 ଙ୍କ ସପକ୍ଷରେ ମୂଲ୍ୟ ବିନିମୟରେ ଜମିର ବିକ୍ରୟ ଚୁକ୍ତିନାମା ସମ୍ପାଦନ କରିଥିଲେ, ଯେଉଁଥିପାଇଁ ଅଗ୍ରୀମ ଅର୍ଥ ପ୍ରଦାନ କରାଯାଇଥିଲା । ଅପିଲକାରୀମାନେ ଜମିର ଦଖଲ ପ୍ରାପ୍ତ କରିଥିଲେ, ଯାହା ପରେ ସେମାନେ ଜାଣିବାକୁ ପାଇଲେ ଯେ ପ୍ରତିପକ୍ଷ ସଂଖ୍ୟା 3 ଉକ୍ତ ଜମିକୁ ପ୍ରତିପକ୍ଷ ସଂଖ୍ୟା 1 ଙ୍କ ସପକ୍ଷରେ ବିକ୍ରୟ କରିବା ପାଇଁ କଥାବାର୍ତ୍ତା କରୁଥିଲେ । ଅପିଲକାରୀମାନେ ଏକ ନିଷିଦ୍ଧାଦେଶ ମକଦ୍ଦମା ଦାୟର କରିଥିଲେ ଯାହା ମଞ୍ଜୁର ହୋଇଥିଲା । ତଥାପି, ପ୍ରତିପକ୍ଷ ସଂଖ୍ୟା 3 ଏକ ପଞ୍ଜୀକୃତ ବିକ୍ରୟ କବଲା ମାଧ୍ୟମରେ ଉକ୍ତ**

ଜମିକୁ ପ୍ରତିପକ୍ଷ ସଂଖ୍ୟା **1** ଙ୍କୁ ବିକ୍ରି କରିଦେଲେ । ପ୍ରତିପକ୍ଷ ସଂଖ୍ୟା **1** ଜମିର ଦଖଲ ଉଦ୍ଧାର ପାଇଁ ମକଦ୍ଦମା ଦାୟର କଲେ । ଉଭୟ ବିଚାରଣ ନ୍ୟାୟାଳୟ ଏବଂ ଉଚ୍ଚ ନ୍ୟାୟାଳୟଙ୍କ ଏକକ ନ୍ୟାୟମୂର୍ତ୍ତି ଉକ୍ତ ମକଦ୍ଦମାକୁ ଖାରଜ କରିଦେଇଥିଲେ । ତେବେ, ଅଧିକାର ପତ୍ର ଅପିଲକୁ ଏହି ଆଧାରରେ ମଞ୍ଜୁର କରାଯାଇଥିଲା ଯେ, ଦଖଲ ସମ୍ବନ୍ଧୀୟ ସୁରକ୍ଷା ଅପିଲକାରୀମାନଙ୍କ ପାଇଁ ଉପଲବ୍ଧ ନଥିଲା, କାରଣ ବିକ୍ରୟ ଚୁକ୍ତିନାମାର ସର୍ତ୍ତାନୁସାରେ ନିଷ୍ପାଦନ ପାଇଁ ମକଦ୍ଦମା ତମାଦି ହୋଇଯାଇଥିଲା । ତେଣୁ ବର୍ତ୍ତମାନର ଏହି ଅପିଲ ।

ଅପିଲକାରୀମାନେ ଯୁକ୍ତି ଦର୍ଶାଇଥିଲେ ଯେ, ଯଦିଓ ବିକ୍ରୟ ଚୁକ୍ତିନାମାର ସର୍ତ୍ତାନୁସାରେ ନିଷ୍ପାଦନ ପାଇଁ ମକଦ୍ଦମା ତମାଦି ହୋଇସାରିଥିଲା, ତଥାପି ସେ ସମ୍ପତ୍ତି ହସ୍ତାନ୍ତର ଅଧିନିୟମର ଧାରା **53A** ଅଧୀନରେ ନିଜର ଦଖଲକୁ ସୁରକ୍ଷିତ ରଖିପାରିବେ, ଯେପର୍ଯ୍ୟନ୍ତ ସେ ଚୁକ୍ତିନାମାର ନିଜ ପକ୍ଷର ସର୍ତ୍ତାବଳୀ ପାଳନ କରିବାକୁ ପ୍ରସ୍ତୁତ ଏବଂ ଇଚ୍ଛୁକ ଅଛନ୍ତି ।

ପ୍ରତିପକ୍ଷମାନେ ଯୁକ୍ତି ଉପସ୍ଥାପନ କରିଥିଲେ ଯେ, ଏକ ବିକ୍ରୟ ଚୁକ୍ତିନାମାର ସର୍ତ୍ତାନୁସାରେ ନିଷ୍ପାଦନର ପ୍ରତିକାର ଥରେ ତମାଦି ହୋଇଗଲେ, ବିକ୍ରୟ ଚୁକ୍ତିନାମା ଅଧୀନରେ ବିବାଦୀୟ ସମ୍ପତ୍ତିର ଦଖଲ ସୁରକ୍ଷା ସମ୍ବନ୍ଧୀୟ ନ୍ୟାୟସଙ୍ଗତ ପ୍ରତିକାର ମଧ୍ୟ ଶେଷ ହୋଇଯାଏ ଏବଂ ବିଲୁପ୍ତ ହୋଇଯାଏ ।

ଏହି ଅପିଲକୁ ମଞ୍ଜୁରୀ ଦେଇ ଏହି ନ୍ୟାୟାଳୟ ନିର୍ଣ୍ଣୟ ନେଲେ:

**1.** ହସ୍ତାନ୍ତରକାରୀ-ପ୍ରତିପକ୍ଷଙ୍କ ଦ୍ୱାରା ବିବାଦୀୟ ସମ୍ପତ୍ତିର ଦଖଲ ଉଦ୍ଧାର ପାଇଁ ଦାୟର କରାଯାଇଥିବା ମକଦ୍ଦମାରେ, ହସ୍ତାନ୍ତରଗ୍ରାହୀ-ଅପିଲକାରୀମାନେ ସମ୍ପତ୍ତି ହସ୍ତାନ୍ତର ଅଧିନିୟମ, **1882** ର ଧାରା **53-A** ଅଧୀନରେ ଏକ ବିକ୍ରୟ ଚୁକ୍ତିର ଆଂଶିକ ଅନୁପାଳନ ସ୍ୱରୂପ ପ୍ରାପ୍ତ ହୋଇଥିବା ବିବାଦୀୟ ସମ୍ପତ୍ତି ଉପରେ ନିଜର ଦଖଲକୁ ସୁରକ୍ଷିତ ରଖିପାରିବେ କିମ୍ବା ପ୍ରତିରକ୍ଷା କରିପାରିବେ, ଯଦିଓ ବିକ୍ରୟ ଚୁକ୍ତିର ସର୍ତ୍ତାନୁସାରେ ନିଷ୍ପାଦନ ପାଇଁ ମକଦ୍ଦମା ତମାଦି ହୋଇଯାଇଥାଏ । **[396-C-D; 402-B]**

**2.1.** କୌଣସି ଅଧିନିୟମର ପ୍ରାବଧାନଗୁଡ଼ିକର ବ୍ୟାଖ୍ୟା କରିବା ସମୟରେ, ଉକ୍ତ ବିଧାନ ପ୍ରଣୟନ ପୂର୍ବରୁ ଥିବା ଦଲିଲ କିମ୍ବା ବିବରଣୀକୁ ବୈଧ ଭାବେ ବିଚାରକୁ ନିଆଯାଇପାରିବ । **[398-F]**

*ଆର୍.ଏସ୍. ନାୟକ ବନାମ ଏ.ଆର୍. ଅନ୍ତୁଲେ,* **[1984] 2 SCC 183,** ଉପରେ ନିର୍ଭରଶୀଳତା ରଖାଯାଇଥିଲା ।

**2.2.** ବିଶେଷ କମିଟିର ବିବରଣୀ**,** ଯାହା ସଂଶୋଧନ ଅଧିନିୟମ**, 1929** ର ଲକ୍ଷ୍ୟ ଏବଂ ଉଦ୍ଦେଶ୍ୟରେ ପ୍ରତିଫଳିତ ହୋଇଛି**,** ସେଥିରୁ ଜଣାପଡ଼େ ଯେ ଉକ୍ତ ଅଧିନିୟମର ଧାରା **53-A** ପ୍ରଣୟନ କରିବାର ଅନ୍ୟତମ ଉଦ୍ଦେଶ୍ୟ ଥିଲା ଏଭଳି ଜଣେ ହସ୍ତାନ୍ତରଗ୍ରାହୀଙ୍କୁ ସୁରକ୍ଷା ପ୍ରଦାନ କରିବା**,** ଯିଏ ଚୁକ୍ତିର ଆଂଶିକ ଅନୁପାଳନ ସ୍ୱରୂପ ସମ୍ପତ୍ତିର ଦଖଲ ନେଇଛନ୍ତି**,** ଯଦିଓ ସର୍ତ୍ତାନୁସାରେ ନିଷ୍ପାଦନ ପାଇଁ ମକଦ୍ଦମା ଦାୟର କରିବାର ସୀମାବଦ୍ଧତାର ଅବଧି ସମାପ୍ତ ହୋଇସାରିଛି । ସେହି ଦୃଷ୍ଟିକୋଣରୁ**,** ଧାରା **53-A** ର ବ୍ୟାଖ୍ୟା ବିଶେଷ କମିଟିର ବିବରଣୀର ସୁପାରିଶ ଏବଂ ସଂଶୋଧନ ଅଧିନିୟମ**, 1929** ର ଲକ୍ଷ୍ୟ ଓ ଉଦ୍ଦେଶ୍ୟକୁ ଆଧାର କରି କରାଯିବା ଆବଶ୍ୟକ**,** ବିଶେଷ କରି ଯେତେବେଳେ ଧାରା **53-A** ନିଜେ ଜଣେ ହସ୍ତାନ୍ତରଗ୍ରାହୀଙ୍କ ଦ୍ୱାରା ପ୍ରତିରକ୍ଷା ସ୍ୱରୂପ ନିଜର ଦଖଲ ସୁରକ୍ଷିତ ରଖିବା ପାଇଁ ଉପସ୍ଥାପିତ ପ୍ରତିରକ୍ଷା ଉପରେ କୌଣସି ପ୍ରତିବନ୍ଧକ ଲଗାଏ ନାହିଁ**,** ଯଦିଓ ସର୍ତ୍ତାନୁସାରେ ନିଷ୍ପାଦନ ପାଇଁ ମକଦ୍ଦମା ଦାୟର କରିବାର ସୀମାବଦ୍ଧତା ଅବଧି ସମାପ୍ତ ହୋଇସାରିଛି । **[400-B-D]**

**2.3.** ଯଦି ଜଣେ ହସ୍ତାନ୍ତରକାରୀ ଅଧିନିୟମର ଧାରା **53A** ଅଧୀନରେ ନିଜର ଦଖଲକୁ ପ୍ରତିରକ୍ଷା କରିବାକୁ କିମ୍ବା ସୁରକ୍ଷିତ ରଖିବାକୁ ଚାହାଁନ୍ତି**,** ତେବେ ତାଙ୍କୁ ଆବଶ୍ୟକୀୟ ସର୍ତ୍ତଗୁଡ଼ିକ ପୂରଣ କରିବାକୁ ହେବ ଯେ — କୌଣସି ସ୍ଥାବର ସମ୍ପତ୍ତିକୁ ମୂଲ୍ୟ ବିନିମୟରେ ହସ୍ତାନ୍ତର କରିବା ପାଇଁ ଏକ ଚୁକ୍ତିନାମା ରହିବା ଆବଶ୍ୟକ**;** ଚୁକ୍ତିନାମାଟି ଲିଖିତ ରୂପରେ ହୋଇଥିବ ଏବଂ ହସ୍ତାନ୍ତରକାରୀଙ୍କ ଦ୍ୱାରା ବା ତାଙ୍କ ତରଫରୁ କୌଣସି ବ୍ୟକ୍ତିଙ୍କ ଦ୍ୱାରା ସ୍ୱାକ୍ଷରିତ ହୋଇଥିବ**;** ଲିଖିତ ଶବ୍ଦଗୁଡ଼ିକ ଏଭଳି ହୋଇଥିବ ଯେଉଁଥିରୁ ହସ୍ତାନ୍ତର ପ୍ରକ୍ରିୟାର ବ୍ୟାଖ୍ୟା ପାଇଁ ଆବଶ୍ୟକ ସର୍ତ୍ତାବଳୀ ନିରୂପଣ କରାଯାଇପାରୁଥିବ**;** ହସ୍ତାନ୍ତରଗ୍ରାହୀ ଚୁକ୍ତିର ଆଂଶିକ ଅନୁପାଳନ ସ୍ୱରୂପ ଉକ୍ତ ସମ୍ପତ୍ତିର କିମ୍ବା ତାହାର କୌଣସି ଅଂଶର ଦଖଲ ନେଇଥିବେ**;** ହସ୍ତାନ୍ତରଗ୍ରାହୀ ଚୁକ୍ତିନାମାକୁ ଆଗକୁ ବଢ଼ାଇବା ଉଦ୍ଦେଶ୍ୟରେ କୌଣସି କାର୍ଯ୍ୟ କରିଥିବେ**;** ଏବଂ ହସ୍ତାନ୍ତରଗ୍ରାହୀ ଚୁକ୍ତିର ତାଙ୍କ ପକ୍ଷର ସର୍ତ୍ତ ନିଷ୍ପାଦନ କରିଥିବେ କିମ୍ବା ନିଷ୍ପାଦନ କରିବାକୁ ପ୍ରସ୍ତୁତ ଥିବେ । ଏବଂ**,** ଯଦି ଏହି ସର୍ତ୍ତଗୁଡ଼ିକର ଅନୁପାଳନ କରାଯାଏ**,** ତେବେ ସୀମାବଦ୍ଧତା ଆଇନ ଜଣେ ହସ୍ତାନ୍ତରଗ୍ରାହୀଙ୍କ ପାଇଁ ଅଧିନିୟମର ଧାରା **53A** ଅଧୀନରେ ମକଦ୍ଦମା ସମ୍ପତ୍ତିର ଦଖଲ ସୁରକ୍ଷିତ ରଖିବା ନିମନ୍ତେ ଯୁକ୍ତି ଉପସ୍ଥାପନ କରିବାରେ

ବାଧା ସୃଷ୍ଟି କରେନାହିଁ, ଯଦିଓ ଚୁକ୍ତିର ସର୍ତ୍ତାନୁସାରେ ନିଷ୍ପାଦନ ପାଇଁ ମକଦ୍ଦମା ତମାଦି ହୋଇଯାଇଥାଏ I **[400-D-H; 401-A]**

**3.1.** ସୀମାବଦ୍ଧତା ଆଇନ ମକଦ୍ଦମା ଏବଂ ଆବେଦନ ପତ୍ର ଉପରେ ଲାଗୁ ହୋଇଥାଏ I ସୀମାବଦ୍ଧତାର ପ୍ରତିଷ୍ଠିତ ନିୟମ ହେଉଛି ଯେ, ପ୍ରତିରକ୍ଷା ସ୍ୱରୂପ ଉପସ୍ଥାପିତ କୌଣସି ଯୁକ୍ତି ପ୍ରତି ସୀମାବଦ୍ଧତା ଆଇନ ପ୍ରଯୁଜ୍ୟ ହୁଏ ନାହିଁ, ଯେପର୍ଯ୍ୟନ୍ତ ବିଧିରେ ଏଥିପାଇଁ କୌଣସି ସ୍ପଷ୍ଟ ପ୍ରାବଧାନ କରାଯାଇନଥାଏ I ଏହା କେବଳ ନ୍ୟାୟାଳୟରେ ଆଇନଗତ କାର୍ଯ୍ୟାନୁଷ୍ଠାନକୁ ବାରଣ କରିଥାଏ I ପ୍ରକୃତରେ, ସୀମାବଦ୍ଧତା ଅଧିନିୟମ ଯାହା କରେ, ତାହା ହେଉଛି ଜଣେ ବାଦୀଙ୍କର ନ୍ୟାୟାଳୟରେ ମକଦ୍ଦମା ଦାୟର କରି ନିଜର ଅଧିକାର ସାବ୍ୟସ୍ତ କରିବାର ପ୍ରତିକାରକୁ ଛଡ଼ାଇ ନିଏ, କିନ୍ତୁ ଏହା ପ୍ରତିବାଦୀଙ୍କ ଉପରେ କୌଣସି ପ୍ରତିବନ୍ଧକ ଲଗାଏ ନାହିଁ କୌଣସି ପ୍ରତିରକ୍ଷା ଉପସ୍ଥାପନ କରିବା ପାଇଁ, ଯଦିଓ ତାଙ୍କ ଦ୍ୱାରା ଦାବି ସ୍ୱରୂପ ଉପସ୍ଥାପିତ ସେହି ପ୍ରତିରକ୍ଷାଟି ତମାଦି ହୋଇଥାଇପାରେ ଏବଂ ତାହାକୁ ଏକ ଅଦାଲତରେ କାର୍ଯ୍ୟକାରୀ କରାଯାଇପାରିବ ନାହିଁ I ତେଣୁ, ଏହା ସ୍ପଷ୍ଟ ଯେ ସୀମାବଦ୍ଧତା ଅଧିନିୟମ କୌଣସି ପ୍ରତିରକ୍ଷାକୁ ବିଲୁପ୍ତ କରେନାହିଁ, ବରଂ କେବଳ ପ୍ରତିକାରକୁ ବାରଣ କରିଥାଏ I ଯେହେତୁ ସୀମାବଦ୍ଧତା ଅବଧି ଏକ ଚୁକ୍ତିର ସର୍ତ୍ତାନୁସାରେ ନିଷ୍ପାଦନ ପାଇଁ ଦାୟର ହେବାକୁ ଥିବା ମକଦ୍ଦମାକୁ ବାରଣ କରେ (ଯଦି ତାହା ସୀମାବଦ୍ଧତା ଅବଧି ପରେ ଦାୟର କରାଯାଏ), ହସ୍ତାନ୍ତରକାରୀଙ୍କ ଦ୍ୱାରା ଦଖଲ ଉଦ୍ଧାର ପାଇଁ ଦାୟର କରାଯାଇଥିବା ମକଦ୍ଦମାରେ ଜଣେ ପ୍ରତିବାଦୀଙ୍କ ପାଇଁ ଚୁକ୍ତିର ଆଂଶିକ ଅନୁପାଳନକୁ ନିଜ ଦଖଲ ସୁରକ୍ଷିତ ରଖିବା ନିମନ୍ତେ ପ୍ରତିରକ୍ଷା ସ୍ୱରୂପ ଉପସ୍ଥାପନ କରିବାର ବିକଳ୍ପ ଖୋଲା ରହିଛି, ଯଦିଓ ସେ ମକଦ୍ଦମା ବା କାର୍ଯ୍ୟାନୁଷ୍ଠାନ ମାଧ୍ୟମରେ ସେହି ଅଧିକାରକୁ କାର୍ଯ୍ୟକାରୀ କରିବାକୁ ସକ୍ଷମ ହୋଇନପାରନ୍ତି I **[401-A-D; E-F]**

**4.** ବର୍ତ୍ତମାନର ମାମଲାରେ, ଉଚ୍ଚ ନ୍ୟାୟାଳୟ କେବଳ ଏହି ଆଧାରରେ ଅପିଲ ମଞ୍ଜୁର କରିଥିଲେ ଯେ ସର୍ତ୍ତାନୁସାରେ ନିଷ୍ପାଦନ ପାଇଁ ମକଦ୍ଦମା ଦାୟର କରିବାର ପ୍ରତିକାର ଶେଷ ହୋଇଯାଇଛି, ତେଣୁ ଅପିଲକାରୀ-ହସ୍ତାନ୍ତରଗ୍ରାହୀ ଅଧିନିୟମର ଧାରା **53A** ଅଧୀନରେ ନିଜର ଦଖଲ ସୁରକ୍ଷିତ ରଖିବାକୁ ହକଦାର ନୁହଁନ୍ତି, ଯାହାକି ଏକ ସଠିକ୍ ଦୃଷ୍ଟିକୋଣ ନୁହେଁ I ତେଣୁ, ଆପତ୍ତି କରାଯାଇଥିବା ଉକ୍ତ ରାୟକୁ ବାତିଲ କରାଗଲା ଏବଂ ଏହି ଅପିଲଗୁଡ଼ିକରେ ଯଦି ଅନ୍ୟ କୌଣସି ବିଧିଗତ ପ୍ରଶ୍ନ ଉଠେ, ତେବେ ତାହାର ନିଷ୍ପତ୍ତି ପାଇଁ ମାମଲାଗୁଡ଼ିକୁ ପୁନର୍ବାର ଉଚ୍ଚ ନ୍ୟାୟାଳୟଙ୍କ ନିକଟକୁ ପଠାଗଲା I **[402-B-C]**

ଏସ୍.ଏସ୍. ସୂର୍ଯ୍ୟବଂଶୀ ବନାମ ପି.ବି. ସୂର୍ଯ୍ୟବଂଶୀ [ନ୍ୟାୟମୂର୍ତ୍ତି ଭି.ଏନ୍. ଖାରେ]

*ମହାଦେଓ ନାଥୁଜୀ ପାଟିଲ୍ ବନାମ ସୁରଜବାଇ ଖୁସାଲ୍ ଚନ୍ଦ୍ ଲଙ୍କଡ୍ ଏବଂ ଅନ୍ୟମାନେ,* **(1994) Maharashtra Law Journal 1145, ମାମଲାଟିକୁ ଅନୁମୋଦନ କରାଗଲା ।**

*ଏମ୍.କେ. ଭେଙ୍କଟାଚାରୀ ଏବଂ ଅନ୍ୟମାନେ ବନାମ ଆଇ.ଏ.ଆର୍. ଅରୁଣାଚଳମ୍ ପିଲ୍ଲାଇ ଏବଂ ଅନ୍ୟମାନେ,* **AIR (1967) Madras, 410, ମାମଲାଟିର ସନ୍ଦର୍ଭ ଦିଆଗଲା ।**

ଦେୱାନୀ ଅପିଲୀୟ କ୍ଷେତ୍ରାଧିକାରିତା: ଦେୱାନୀ ଅପିଲ ସଂଖ୍ୟା 2706/1991 ।

ଏଲ୍.ପି.ଏ. ସଂଖ୍ୟା 9/1987 ରେ ବମ୍ବେ ଉଚ୍ଚ ନ୍ୟାୟାଳୟଙ୍କ 6.10.90 ର ରାୟ ଏବଂ ଆଦେଶରୁ ।

ଏହା ସହିତ

ଦେୱାନୀ ଅପିଲ ସଂଖ୍ୟା 1349/91, 1350/91 ଏବଂ 3304/93 ।

ଉପସ୍ଥିତ ପକ୍ଷମାନଙ୍କ ପାଇଁ ଭି.ଏନ୍. ଗଣପୁଲେ, ଆର୍. ସୁନ୍ଦରବର୍ଦ୍ଧନ, ଏସ୍.କେ. ଅଗ୍ନିହୋତ୍ରୀ, କେ.ଏଲ୍. ତନେଜା, ସୁଶ୍ରୀ ଏଚ୍. ୱାହି, ଏସ୍.ଏମ୍. ଯାଦବ, ସୁନୀଲ କେ. ବର୍ମା, କେ.ଏଲ୍. ଜଞ୍ଜାନି, ସଞ୍ଜୟ କେ. ବିସେନ, ଏ.ଏସ୍. ଭାସ୍କେଙ୍କ ପାଇଁ ମନୋଜ କେ. ମିଶ୍ର ଏବଂ ଏସ୍. ଭି. ଦେଶପାଣ୍ଡେ ।

ନ୍ୟାୟାଳୟଙ୍କ ଏହି ରାୟ **ନ୍ୟାୟମୂର୍ତ୍ତି ଭି.ଏନ୍. ଖାରେଙ୍କ** ଦ୍ୱାରା ପ୍ରଦାନ କରାଯାଇଥିଲା ।

ଏହି ଅପିଲ ସମୂହରେ ଆମର ବିଚାର ପାଇଁ ଉଠୁଥିବା ପ୍ରଶ୍ନଟି ହେଉଛି: "ହସ୍ତାନ୍ତରକାରୀଙ୍କ ଦ୍ୱାରା ବିବାଦୀୟ ସମ୍ପତ୍ତିର ଦଖଲ ଉଦ୍ଧାର ପାଇଁ ଦାୟର କରାଯାଇଥିବା ମକଦ୍ଦମାରେ, ଜଣେ ପ୍ରତିବାଦୀ ହସ୍ତାନ୍ତରଗ୍ରାହୀ ସମ୍ପତ୍ତି ହସ୍ତାନ୍ତର ଅଧିନିୟମ (ଏହା ପରେ 'ଅଧିନିୟମ' ଭାବେ ସମ୍ବୋଧିତ) ର ଧାରା 53- A ଅଧୀନରେ ଏକ ବିକ୍ରୟ ଚୁକ୍ତିର ଆଂଶିକ ଅନୁପାଳନ ସ୍ୱରୂପ ପ୍ରାପ୍ତ ହୋଇଥିବା ବିବାଦୀୟ ସମ୍ପତ୍ତି ଉପରେ ନିଜର ଦଖଲକୁ ସୁରକ୍ଷିତ ବା ପ୍ରତିରକ୍ଷା କରିପାରିବେ କି ନାହିଁ, ଯଦିଓ ବିକ୍ରୟ ଚୁକ୍ତିର ସର୍ତ୍ତାନୁସାରେ ନିଷ୍ପାଦନ ପାଇଁ ମକଦ୍ଦମା ତମାଦି ହୋଇସାରିଛି ।"

ଯେହେତୁ ଏହି ଅପିଲଗୁଡ଼ିକରେ ସମାନ ବିଧିଗତ ପ୍ରଶ୍ନ ସନ୍ନିହିତ ଅଛି, ତେଣୁ ଆମେ ଦେୱାନୀ ଅପିଲ ସଂଖ୍ୟା 2706/1991 ର ସୂତ୍ରପାତ କରିଥିବା ତଥ୍ୟଗୁଡ଼ିକୁ ଉଲ୍ଲେଖ କରିବା ଉଚିତ୍ ମଣୁଛୁ ।

ଏଠାରେ ଅପିଲକାରୀମାନେ, ବାଦୀ-ପ୍ରତିପକ୍ଷଙ୍କ ଦ୍ୱାରା ବିବାଦୀୟ ସମ୍ପତ୍ତିର ଦଖଲ ଉଦ୍ଧାର ଏବଂ ମଧ୍ୟକାଳୀନ ଲାଭ ପାଇଁ ଦାୟର କରାଯାଇଥିବା ମକଦ୍ଦମାରେ ପ୍ରତିବାଦୀ ଥିଲେ । 1964 ମସିହା ଜୁଲାଇ 9 ତାରିଖରେ ପ୍ରତିପକ୍ଷ ସଂଖ୍ୟା 3, ଅପିଲକାରୀ ସଂଖ୍ୟା 1 ଙ୍କ ସପକ୍ଷରେ ଏକ କୃଷି ଜମିର ବିକ୍ରୟ ଚୁକ୍ତିନାମା ସର୍ବମୋଟ 9,000 ଟଙ୍କା ପ୍ରତିଫଳ ମୂଲ୍ୟ ବିନିମୟରେ ସମ୍ପାଦନ କରିଥିଲେ । ଅପିଲକାରୀ ସଂଖ୍ୟା 1 ଅଗ୍ରୀମ ଅର୍ଥ ସ୍ୱରୂପ 5,700 ଟଙ୍କା ପ୍ରଦାନ କରିଥିଲେ । ଅପିଲକାରୀମାନଙ୍କୁ ଉକ୍ତ ବିକ୍ରୟ ଚୁକ୍ତିନାମା ଅନୁଯାୟୀ ଉକ୍ତ ସମ୍ପତ୍ତିର ଦଖଲ ପ୍ରଦାନ କରାଯାଇଥିଲା । ଉକ୍ତ ଚୁକ୍ତିନାମା ସମ୍ପାଦନ ପରେ, ଅପିଲକାରୀଙ୍କ ଜ୍ଞାତସାରକୁ ଆସିଲା ଯେ ହସ୍ତାନ୍ତରକାରୀ ଉକ୍ତ ଜମିକୁ ପ୍ରତିପକ୍ଷ ସଂଖ୍ୟା 1 ଙ୍କ ସପକ୍ଷରେ ବିକ୍ରୟ କରିବା ପାଇଁ ବାର୍ତ୍ତାଳାପ କରୁଛନ୍ତି । ଏଭଳି ପରିସ୍ଥିତିରେ, ଅପିଲକାରୀ 2 ଅଗଷ୍ଟ, 1965 ରେ ହସ୍ତାନ୍ତରକାରୀଙ୍କୁ ପ୍ରତିପକ୍ଷ ସଂଖ୍ୟା 1 ଙ୍କ ସପକ୍ଷରେ ଉକ୍ତ ଜମି ବିକ୍ରୟ କରିବାରୁ ବିରତ ରଖିବା ପାଇଁ ଏକ ନିଷିଦ୍ଧାଦେଶ ମକଦ୍ଦମା ଦାୟର କରିଲେ । 1966 ମସିହା ଏପ୍ରିଲ 30 ତାରିଖରେ ବିଚାରଣ ନ୍ୟାୟାଳୟ ଅନୁରୋଧ ଅନୁଯାୟୀ ନିଷିଦ୍ଧାଦେଶ ମଞ୍ଜୁର କରିଲେ । ଅପିଲକାରୀମାନଙ୍କର ଯୁକ୍ତି ଅନୁସାରେ, ଉକ୍ତ ନିଷିଦ୍ଧାଦେଶ ସତ୍ତ୍ୱେ, ହସ୍ତାନ୍ତରକାରୀ 24 ମେ, 1966 ତାରିଖର ଏକ ପଞ୍ଜୀକୃତ ବିକ୍ରୟ କବଲା ମାଧ୍ୟମରେ ଉକ୍ତ ସମ୍ପତ୍ତିକୁ ପ୍ରତିପକ୍ଷ ସଂଖ୍ୟା 1 ଙ୍କ ସପକ୍ଷରେ ବିକ୍ରୟ କରିଦେଲେ ।

ବିକ୍ରୟ କବଲା ସମ୍ପାଦିତ ହେବା ପରେ, ବାଦୀ-ପ୍ରତିପକ୍ଷ ସଂଖ୍ୟା 1 ଉକ୍ତ ବିକ୍ରୟ କବଲା ବଳରେ ଜମିର ଦଖଲ ଉଦ୍ଧାର ପାଇଁ ମକଦ୍ଦମା ଦାୟର କଲେ । ଅପିଲକାରୀମାନେ ଏକ ଲିଖିତ ଜବାବ ଦାଖଲ କଲେ ଯେଉଁଥିରେ ମକଦ୍ଦମାର ଦାବିକୁ ଏହି ଆଧାରରେ ପ୍ରତିରୋଧ କରାଯାଇଥିଲା ଯେ, ସେମାନେ 9 ଜୁଲାଇ, 1964 ରେ ହୋଇଥିବା ଚୁକ୍ତିନାମା ଅନୁଯାୟୀ ସମ୍ପତ୍ତିର ଦଖଲରେ ଅଛନ୍ତି ଏବଂ ସେମାନଙ୍କର ଦଖଲ ସୁରକ୍ଷିତ ଅଟେ, କାରଣ ସେମାନେ ସଦାସର୍ବଦା ଚୁକ୍ତିର ସେମାନଙ୍କ ପକ୍ଷର ସର୍ତ୍ତ ପାଳନ କରିବାକୁ ପ୍ରସ୍ତୁତ ଏବଂ ଇଚ୍ଛୁକ ଥିଲେ ଓ ଅଛନ୍ତି । ଅନ୍ୟ ଏକ ଯୁକ୍ତି ଉଠାଯାଇଥିଲା ଯେ, ନିଷିଦ୍ଧାଦେଶ ପାଇଁ ଏକ ମକଦ୍ଦମାରେ ଦେୱାନୀ ଅଦାଲତଙ୍କ ଦ୍ୱାରା ପ୍ରଦାନ କରାଯାଇଥିବା ଡିକ୍ରି ପୂର୍ବନିର୍ଣ୍ଣୀତ ନ୍ୟାୟ ଭାବେ କାର୍ଯ୍ୟ କରେ ଏବଂ ଅପିଲକାରୀଙ୍କ ମାଲିକାନା ସ୍ୱତ୍ୱର ଆଧାର ସ୍ୱରୂପ ଥିବା ବିକ୍ରୟ କବଲାଟି ପ୍ରମାଣିତ ହୋଇନାହିଁ । ବିଚାରଣ ନ୍ୟାୟାଳୟ ଏହି ମକଦ୍ଦମାଟିକୁ ଖାରଜ କରିଦେଇଥିଲେ । ବମ୍ବେ ଉଚ୍ଚ ନ୍ୟାୟାଳୟଙ୍କ ବିଞ୍ଚ ଏକକ ନ୍ୟାୟମୂର୍ତ୍ତି ବାଦୀ-ପ୍ରତିପକ୍ଷଙ୍କ ଦ୍ୱାରା ଦାୟର କରାଯାଇଥିବା ଅପିଲଟିକୁ ଖାରଜ କରିଦେଲେ । ତେବେ, ଅଧିକାର ପତ୍ର ବିଚାରପୀଠ ବାଦୀ-ପ୍ରତିପକ୍ଷଙ୍କ ଦ୍ୱାରା ଦାୟର କରାଯାଇଥିବା ଅଧିକାର ପତ୍ର ଅପିଲକୁ ମଞ୍ଜୁର କଲେ । ଅଧିକାର ପତ୍ର ବିଚାରପୀଠଙ୍କ ଦ୍ୱାରା ଗ୍ରହଣ କରାଯାଇଥିବା ଦୃଷ୍ଟିକୋଣ ଥିଲା ଯେ, ଦଖଲ

ସମ୍ବନ୍ଧୀୟ ସୁରକ୍ଷା ପ୍ରତିବାଦୀ-ଅପିଲକାରୀମାନଙ୍କ ପାଇଁ ଉପଲବ୍ଧ ନୁହେଁ, କାରଣ ବିକ୍ରୟ ଚୁକ୍ତିନାମାର ସର୍ତ୍ତାନୁସାରେ ନିଷ୍ପାଦନ ପାଇଁ ମକଦ୍ଦମା ତମାଦି ହୋଇସାରିଛି । ଅଧିକାର ପତ୍ର ବିଚାରପୀଠଙ୍କ ଉକ୍ତ ରାୟ ବିରୁଦ୍ଧରେ ଅପିଲକାରୀମାନେ ଆମ ସମ୍ମୁଖରେ ଏହି ଅପିଲ ଦାୟର କରିଛନ୍ତି ।

ବିଚାର ପାଇଁ ଉଠୁଥିବା ପ୍ରଥମ ପ୍ରଶ୍ନଟି ହେଉଛି, ପ୍ରତିବାଦୀ-ଅପିଲକାରୀମାନେ ବିକ୍ରୟ ଚୁକ୍ତିନାମାର ସର୍ତ୍ତାନୁସାରେ ନିଷ୍ପାଦନ ପାଇଁ ମକଦ୍ଦମା ତମାଦି ହେବା ପରେ ମଧ୍ୟ, ବିକ୍ରୟ ଚୁକ୍ତିର ଆଂଶିକ ଅନୁପାଳନ ସ୍ୱରୂପ ପ୍ରାପ୍ତ ହୋଇଥିବା ବିବାଦୀୟ ସମ୍ପତ୍ତିର ଦଖଲକୁ ସୁରକ୍ଷିତ ରଖିବାକୁ ହକଦାର କି ନୁହେଁ ।

ଅପିଲକାରୀମାନଙ୍କ ବିଜ୍ଞ ଅଧିବକ୍ତାଙ୍କ ଯୁକ୍ତି ହେଉଛି ଯେ, ଯଦିଓ ବିକ୍ରୟ ଚୁକ୍ତିନାମାର ସର୍ତ୍ତାନୁସାରେ ନିଷ୍ପାଦନ ପାଇଁ ମକଦ୍ଦମା ତମାଦି ହୋଇସାରିଛି, ତଥାପି ବିକ୍ରେତାଙ୍କ ଦ୍ୱାରା ଦଖଲ ଉଦ୍ଧାର ପାଇଁ ଦାୟର କରାଯାଇଥିବା ମକଦ୍ଦମାରେ ଜଣେ ହସ୍ତାନ୍ତରଗ୍ରାହୀ ଅଧିନିୟମର ଧାରା 53-A ଅଧୀନରେ ନିଜର ଦଖଲକୁ ସୁରକ୍ଷିତ ରଖିପାରିବେ, ଯେପର୍ଯ୍ୟନ୍ତ ସେ ଚୁକ୍ତିର ନିଜ ପକ୍ଷର ସର୍ତ୍ତାବଳୀ ସମ୍ପାଦନ କରିବାକୁ ପ୍ରସ୍ତୁତ ଏବଂ ଇଚ୍ଛୁକ ଅଛନ୍ତି । ଅପରପକ୍ଷରେ, ପ୍ରତିପକ୍ଷଙ୍କ ଅଧିବକ୍ତାଙ୍କ ତରଫରୁ ଉପସ୍ଥାପିତ ଯୁକ୍ତି ହେଉଛି ଯେ, ବିକ୍ରୟ ଚୁକ୍ତିନାମାର ସର୍ତ୍ତାନୁସାରେ ନିଷ୍ପାଦନର ପ୍ରତିକାର ଥରେ ତମାଦି ହୋଇଗଲେ, ବିକ୍ରୟ ଚୁକ୍ତି ଅଧୀନରେ ବିବାଦୀୟ ସମ୍ପତ୍ତିର ଦଖଲ ସୁରକ୍ଷାର ସାମ୍ୟପୂର୍ଣ୍ଣ ପ୍ରତିକାର ମଧ୍ୟ ଶେଷ ହୋଇଯାଏ ଏବଂ ବିଲୁପ୍ତ ହୋଇଯାଏ । ଅନ୍ୟ ଶବ୍ଦରେ କହିଲେ, ଯୁକ୍ତିଟି ହେଉଛି ଯେ ଜଣେ କ୍ରେତାଙ୍କ ପାଇଁ ଦଖଲ ସୁରକ୍ଷିତ ରଖିବାର ଅଧିକାର ସେତେଦିନ ପର୍ଯ୍ୟନ୍ତ ଉପଲବ୍ଧ ଥାଏ, ଯେତେଦିନ ପର୍ଯ୍ୟନ୍ତ ଆଇନ ଦ୍ୱାରା ନିର୍ଦ୍ଧାରିତ ସୀମାବଦ୍ଧତାର ଅବଧି ଜାରି ରହିଥାଏ ଏବଂ ଏହି ଅବଧି ସମାପ୍ତ ହେବା ମାତ୍ରେ ଏହା ଶେଷ ହୋଇଯାଏ ।

ଧାରା 53-A ର ଅନୁଧ୍ୟାନରୁ ଜଣାପଡ଼େ ଯେ, ଏହା କୌଣସି ପ୍ରତିବାଦୀ ହସ୍ତାନ୍ତରଗ୍ରାହୀଙ୍କୁ ଚୁକ୍ତିର ଆଂଶିକ ଅନୁପାଳନ ସ୍ୱରୂପ ପ୍ରାପ୍ତ ହୋଇଥିବା ବିବାଦୀୟ ସମ୍ପତ୍ତି ଉପରେ ନିଜର ଦଖଲ ସୁରକ୍ଷିତ ରଖିବା ନିମନ୍ତେ ପ୍ରତିରକ୍ଷା ସ୍ୱରୂପ ପ୍ରତିବାଦ ଉପସ୍ଥାପନ କରିବାରୁ ବାରଣ କରେନାହିଁ, ଯଦିଓ ସର୍ତ୍ତାନୁସାରେ ନିଷ୍ପାଦନ ପାଇଁ ମକଦ୍ଦମା ଦାୟର କରିବାର ସୀମାବଦ୍ଧତା ଅବଧି ସମାପ୍ତ ହୋଇସାରିଛି । ଏହା ମଧ୍ୟ ସ୍ପଷ୍ଟ ଭାବେ ବ୍ୟବସ୍ଥା କରେନାହିଁ ଯେ, ଯଦି ସର୍ତ୍ତାନୁସାରେ ନିଷ୍ପାଦନ ପାଇଁ ମକଦ୍ଦମା ଦାୟର କରିବାର ସୀମାବଦ୍ଧତାର ଅବଧି ସମାପ୍ତ ହୋଇଯାଇଥାଏ, ତେବେ ଜଣେ ପ୍ରତିବାଦୀ ହସ୍ତାନ୍ତରଗ୍ରାହୀ ଚୁକ୍ତିର ଆଂଶିକ ଅନୁପାଳନ ସ୍ୱରୂପ ନିଆଯାଇଥିବା ବିବାଦୀୟ ସମ୍ପତ୍ତିର

ଦଖଲକୁ ସୁରକ୍ଷିତ ରଖିବାକୁ ହକଦାର ହେବେନାହିଁ । ଏଭଳି କୌଣସି ପ୍ରାବଧାନର ଅନୁପସ୍ଥିତିରେ, ଆମକୁ ଧାରା 53-A ର ପ୍ରାବଧାନଗୁଡ଼ିକର ବ୍ୟାଖ୍ୟା ଏକ ବୈଜ୍ଞାନିକ ପ୍ରଣାଳୀରେ କରିବାକୁ ହେବ । ଏହାର ଅର୍ଥ ହେଉଛି ଅଧିନିୟମର ଧାରା 53-A ର ପ୍ରାବଧାନଗୁଡ଼ିକର ବୈଧାନିକ ଇତିହାସ ଏବଂ ଢାଞ୍ଚାକୁ ଅନୁଧ୍ୟାନ କରିବା ।

ପୂର୍ବରୁ, ବିଧିର ବ୍ୟାଖ୍ୟା ଉଦ୍ଦେଶ୍ୟରେ ଐତିହାସିକ ତଥ୍ୟ କିମ୍ବା ବିଧାନ ପ୍ରଣୟନ ପୂର୍ବରୁ ଥିବା ଯେକୌଣସି ଦଲିଲର ସହାୟତା ନେବାକୁ ପସନ୍ଦ କରାଯାଉନଥିଲା । ସେହି ସମୟରେ, କୌଣସି ବିଧିର ବ୍ୟାଖ୍ୟା କରିବାରେ ବିଧାନ ପ୍ରଣୟନ ପୂର୍ବରୁ ଥିବା ଐତିହାସିକ ତଥ୍ୟ କିମ୍ବା ବିବରଣୀଗୁଡ଼ିକୁ ଦେଖିବାର ସିଦ୍ଧାନ୍ତ ପ୍ରୟୋଗ କରିବା ଉପରେ କିଛିଟା କଟକଣା ଥିଲା । ତେବେ, ସମୟାନୁକ୍ରମେ ଏହି ପ୍ରତିବନ୍ଧକକୁ ହଟାଇ ଦିଆଯାଇଛି । *ଆର୍.ଏସ୍. ନାୟକ ବନାମ ଏ.ଆର୍. ଅନ୍ତୁଲେ,* [1984] 2 SCC 183 ମାମଲାରେ ଏହା ନିର୍ଣ୍ଣୟ କରାଯାଇଥିଲା:

"କୌଣସି ବିଧାନ ପ୍ରଣୟନ ପୂର୍ବରୁ ଗଠିତ କମିଟିର ବିବରଣୀ, ଯୁଗ୍ମ ସଂସଦୀୟ କମିଟିର ବିବରଣୀ, ବିଧାନ ପ୍ରଣୟନ ପାଇଁ ତଥ୍ୟ ସଂଗ୍ରହ ଉଦ୍ଦେଶ୍ୟରେ ସ୍ଥାପିତ କୌଣସି ଆୟୋଗଙ୍କ ବିବରଣୀଗୁଡ଼ିକ ବ୍ୟାଖ୍ୟା ପାଇଁ ଅନୁମତିପ୍ରାପ୍ତ ବାହ୍ୟ ସହାୟତା ଅଟନ୍ତି । ଯଦି ବିଧାନର ବ୍ୟାଖ୍ୟା ପଛରେ ଥିବା ମୂଳ ଉଦ୍ଦେଶ୍ୟ ହେଉଛି ସଂସଦର ପ୍ରକୃତ ଆଭିମୁଖ୍ୟ ନିରୂପଣ କରିବା, ତେବେ ସଂସଦ ଯେଉଁ ସହାୟତା ଗ୍ରହଣ କରିଥିଲା — ଯେପରିକି ବିଧାନ ପ୍ରଣୟନ ପୂର୍ବରୁ ଥିବା ବିଶେଷ କମିଟିର ବିବରଣୀ, ଆଇନର ତତ୍କାଳୀନ ସ୍ଥିତି, ବିଧାନ ପ୍ରଣୟନର ଆବଶ୍ୟକତା ସୃଷ୍ଟି କରିଥିବା ପରିବେଶ ଏବଂ ହାସଲ କରିବାକୁ ଥିବା ଲକ୍ଷ୍ୟ — ତାହାକୁ ସେହି ଅଦାଲତକୁ କାହିଁକି ବଞ୍ଚିତ କରାଯିବ, ଯାହାର ମୂଳ କାର୍ଯ୍ୟ ହେଉଛି ବିଧାନ ପ୍ରଣୟନରେ ସଂସଦର ପ୍ରକୃତ ଆଭିମୁଖ୍ୟକୁ କାର୍ଯ୍ୟକାରୀ କରିବା । ଏଭଳି ବଞ୍ଚିତ କରିବା ଦ୍ୱାରା ଅଦାଲତ ବ୍ୟାଖ୍ୟା ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ଏବଂ ଆଲୋକପ୍ରଦ ସହାୟତାରୁ ବଞ୍ଚିତ ହେବେ ।

ଆଧୁନିକ ଦୃଷ୍ଟିକୋଣ ବହୁ ପରିମାଣରେ ଏହି ବର୍ଜନକାରୀ ନିୟମକୁ ସୁଦୂର ଇଂଲଣ୍ଡରେ ମଧ୍ୟ ଶିଥିଳ କରିଦେଇଛି ।"

ବର୍ତ୍ତମାନ ଗ୍ରହଣ କରାଯାଇଥିବା ମତ ହେଉଛି ଯେ, କୌଣସି ଅଧିନିୟମର ପ୍ରାବଧାନଗୁଡ଼ିକର ବ୍ୟାଖ୍ୟା କରିବା ସମୟରେ ବିଧାନ ପ୍ରଣୟନ ପୂର୍ବରୁ ପ୍ରସ୍ତୁତ ଦଲିଲ କିମ୍ବା ବିବରଣୀକୁ ବୈଧ ଭାବେ ବିଚାରକୁ ନିଆଯାଇପାରିବ ।

ତେଣୁ, ଆମେ ଏହା ପରେ ଉଲ୍ଲେଖ କରାଯାଇଥିବା ତଥ୍ୟଗୁଡ଼ିକ ଆଧାରରେ ଆମ ସମ୍ମୁଖରେ ଥିବା ପ୍ରଶ୍ନର ପରୀକ୍ଷା କରିବାକୁ ଅଗ୍ରସର ହେବୁ ।

ଇଂଲଣ୍ଡରେ, ସମ୍ପତ୍ତି ଅଧିନିୟମର ପ୍ରତାରଣା ବିଧିର ପ୍ରାବଧାନଗୁଡ଼ିକରେ ବ୍ୟବସ୍ଥା ଥିଲା ଯେ, କୌଣସି ସମ୍ପତ୍ତି ସମ୍ବନ୍ଧୀୟ ଚୁକ୍ତିନାମା ଉପରେ କୌଣସି ମକଦ୍ଦମା ବା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇପାରିବ ନାହିଁ, ଯାହା ପକ୍ଷମାନଙ୍କ ଦ୍ୱାରା ସ୍ୱାକ୍ଷରିତ ଲିଖିତ ଆକାରରେ ନଥିବ । ଉକ୍ତ ବିଧିର ଲକ୍ଷ୍ୟ ଏବଂ ଉଦ୍ଦେଶ୍ୟ ଥିଲା କୌଣସି ପକ୍ଷକୁ ପ୍ରତାରଣାରୁ ରକ୍ଷା କରିବା । ତେବେ, କେତେକ ଅସୁବିଧା ଅନୁଭୂତ ହୋଇଥିଲା ଯେତେବେଳେ ଦେଖାଗଲା ଯେ ଏକ ମୌଖିକ ଚୁକ୍ତିନାମା ଅଧୀନରେ ଗୋଟିଏ ପକ୍ଷ ଚୁକ୍ତିର ନିଜ ପକ୍ଷର ସର୍ତ୍ତ ସମ୍ପାଦନ କରିଛନ୍ତି, ତଥାପି ସେ ଅନ୍ୟ ପକ୍ଷ ଅର୍ଥାତ୍ ହସ୍ତାନ୍ତରକାରୀଙ୍କ ବିରୋଧରେ ଚୁକ୍ତିନାମାଟି ଲିଖିତ ରୂପରେ ନଥିବା ହେତୁ ପ୍ରତାରଣା ବିଧିର ପ୍ରାବଧାନକୁ ଦୃଷ୍ଟିରେ ରଖି ସର୍ତ୍ତାନୁସାରେ ନିଷ୍ପାଦନ ପାଇଁ କୌଣସି କାର୍ଯ୍ୟାନୁଷ୍ଠାନ କିମ୍ବା ମକଦ୍ଦମା ଦାୟର କରିବାକୁ ଅସମର୍ଥ ଥିଲେ । ଏଭଳି ପରିସ୍ଥିତିରେ, ହସ୍ତାନ୍ତରକାରୀମାନେ ସେହି ନିରୀହ କ୍ରେତାମାନଙ୍କ ସହ ପ୍ରତାରଣା କରିବାରେ ସଫଳ ହେଉଥିଲେ ଯେଉଁମାନେ ମୌଖିକ ଚୁକ୍ତି କରି ଚୁକ୍ତିର ନିଜ ପକ୍ଷର ସର୍ତ୍ତ ସମ୍ପାଦନ କରିଥିଲେ । ଇଂଲଣ୍ଡରେ ଏଭଳି ପ୍ରଚଳିତ ପରିସ୍ଥିତିକୁ ଦୃଷ୍ଟିରେ ରଖି, ସାମ୍ୟ ଅଦାଲତ ନିରପେକ୍ଷତା ଆଧାରରେ ହସ୍ତକ୍ଷେପ କଲେ ଏବଂ ଏକ ମୌଖିକ ଚୁକ୍ତିର ସର୍ତ୍ତାନୁସାରେ ନିଷ୍ପାଦନକୁ କାର୍ଯ୍ୟକାରୀ କରିବା ପାଇଁ କାର୍ଯ୍ୟାନୁଷ୍ଠାନ ଗ୍ରହଣ କଲେ । ସାମ୍ୟ ଅଦାଲତଙ୍କ ଦ୍ୱାରା ଗ୍ରହଣ କରାଯାଇଥିବା ମତ ଥିଲା ଯେ, ସମ୍ପତ୍ତି ଆଇନର ପ୍ରତାରଣା ବିଧି ପଛରେ ଥିବା ଉଦ୍ଦେଶ୍ୟ ପ୍ରତାରଣା ବିରୁଦ୍ଧରେ ସୁରକ୍ଷା ପ୍ରଦାନ କରିବା ଥିଲା, କିନ୍ତୁ ଉକ୍ତ ବିଧିର ପ୍ରାବଧାନଗୁଡ଼ିକୁ ପ୍ରତାରଣାକୁ ସହାୟତା ଏବଂ ସୁରକ୍ଷା ଦେବା ପାଇଁ ଏକ ମାଧ୍ୟମ ଭାବେ ବ୍ୟବହାର କରାଯାଉଥିଲା । ଏହିପରି ଭାବେ, ସାମ୍ୟ ଅଦାଲତ ପ୍ରତାରଣା ବିଧିକୁ ହସ୍ତାନ୍ତରକାରୀଙ୍କ ଦ୍ୱାରା କରାଯାଉଥିବା ପ୍ରତାରଣାକୁ ଲୁଚାଇବାର ଏକ ମାଧ୍ୟମ ଭାବେ ବ୍ୟବହାର କରିବାକୁ ଅନୁମତି ଦେଲେନାହିଁ, ଯେଉଁଠାରେ ମୌଖିକ ଚୁକ୍ତିର ଆଂଶିକ ଅନୁପାଳନ ହୋଇସାରିଥିଲା ।

ଯେତେବେଳେ ସମ୍ପତ୍ତି ହସ୍ତାନ୍ତର ଅଧିନିୟମ ପ୍ରଣୟନ କରାଗଲା, ସେତେବେଳେ ଏଥିରେ ଧାରା 53-A ସ୍ଥାନ ପାଇନଥିଲା । ଧାରା 53-A ର ଅନୁପସ୍ଥିତିରେ, ଭାରତର ବିଭିନ୍ନ

ଅଦାଲତଗୁଡ଼ିକ ମଧ୍ୟରେ ଇଂଲଣ୍ଡର ଆଂଶିକ ଅନୁପାଳନ ସିଦ୍ଧାନ୍ତର ପ୍ରୟୋଗ ସମ୍ବନ୍ଧରେ ମତଭେଦ ସୃଷ୍ଟି ହେଲା, ଯେପରି ତାହା ସେତେବେଳେ ଇଂଲଣ୍ଡରେ ପ୍ରଚଳିତ ଥିଲା । ଯେହେତୁ ଭାରତର ବିଭିନ୍ନ ଅଦାଲତଗୁଡ଼ିକରେ ଇଂଲଣ୍ଡର ଆଂଶିକ ଅନୁପାଳନ ସମ୍ବନ୍ଧୀୟ ସାମ୍ୟପୂର୍ଣ୍ଣ ସିଦ୍ଧାନ୍ତର ପ୍ରୟୋଗ ପ୍ରଶ୍ନ ଉପରେ ମତଭେଦ ଥିଲା, ଭାରତ ସରକାର ଅନ୍ୟାନ୍ୟ ସୁପାରିଶ ସହିତ — ବ୍ରିଟିଶ୍ ସାମ୍ୟପୂର୍ଣ୍ଣ ଆଂଶିକ ଅନୁପାଳନ ସିଦ୍ଧାନ୍ତକୁ ଭାରତରେ ମଧ୍ୟ ବିସ୍ତାରିତ କରାଯିବ କି ନାହିଁ — ସେଥିପାଇଁ ଏକ ବିଶେଷ କମିଟି ଗଠନ କରିବାକୁ ନିଷ୍ପତ୍ତି ନେଲେ । ସେହି ବିଶେଷ କମିଟିର ମତ ଥିଲା ଯେ, ଜଣେ ନିରକ୍ଷର କିମ୍ବା ଅଜ୍ଞ କ୍ରେତା ଯିଏ ଚୁକ୍ତିର ନିଜ ପକ୍ଷର ସର୍ତ୍ତ ଆଂଶିକ ଭାବେ ସମ୍ପାଦନ କରିଛନ୍ତି, ତାଙ୍କୁ ବୈଧାନିକ ସୁରକ୍ଷା ଦେବା ଆବଶ୍ୟକ । କମିଟିର ଆହୁରି ମଧ୍ୟ ମତ ଥିଲା ଯେ, ଯେଉଁଠାରେ ଜଣେ ହସ୍ତାନ୍ତରଗ୍ରାହୀଙ୍କ ସହିତ ଏକ ବୈଧ ଦଲିଲ ଅର୍ଥାତ୍ ଏକ ଲିଖିତ ଚୁକ୍ତିନାମା ହସ୍ତାନ୍ତରକାରୀଙ୍କ ଦ୍ଵାରା ସମ୍ପାଦିତ ହେବ ଓ ସେହି ଅନୁସାରେ ହସ୍ତାନ୍ତରଗ୍ରାହୀ ସଦ୍‌ବିଶ୍ଵାସରେ ସମ୍ପତ୍ତିର ଦଖଲ ନିଅନ୍ତି, ସେଠାରେ ସାମ୍ୟର ଦାବି ହେଉଛି ଯେ ହସ୍ତାନ୍ତରଗ୍ରାହୀଙ୍କୁ ହସ୍ତାନ୍ତରକାରୀଙ୍କ ଦ୍ଵାରା ଜଣେ ଅନଧିକାର ପ୍ରବେଶକାରୀ ଭାବେ ଗ୍ରହଣ କରାଯିବା ଉଚିତ୍ ନୁହେଁ ଏବଂ ପରବର୍ତ୍ତୀ ସମୟରେ ବୈଧ ହସ୍ତାନ୍ତର ଦଲିଲର ଅନୁପସ୍ଥିତିରେ ଆଇନଗତ ପ୍ରକ୍ରିୟା ମାଧ୍ୟମରେ ତାଙ୍କୁ ବେଦଖଲ କରାଯିବା ଉଚିତ୍ ନୁହେଁ । ବିଶେଷ କମିଟି ଏହି ପ୍ରଶ୍ନ ଉପରେ ମଧ୍ୟ ବିଚାର କରିଥିଲେ ଯେ, ପ୍ରସ୍ତାବିତ ଧାରା 53-A ଅଧୀନରେ ଜଣେ ହସ୍ତାନ୍ତରଗ୍ରାହୀଙ୍କୁ ସୁରକ୍ଷା ସେତେବେଳେ ମଧ୍ୟ ଉପଲବ୍ଧ ହେବ କି, ଯଦିଓ ବିକ୍ରୟ ଚୁକ୍ତିନାମାର ସର୍ତ୍ତାନୁସାରେ ନିଷ୍ପାଦନ ପାଇଁ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାର ଅବଧି ସମାପ୍ତ ହୋଇଯାଇଥାଏ । ଉକ୍ତ ପ୍ରଶ୍ନ ଉପରେ, କମିଟିର ମତ ଥିଲା ଯେ ସୀମାବଦ୍ଧତାର ଅବଧି ସମାପ୍ତ ହେବା ପରେ ମଧ୍ୟ, ହସ୍ତାନ୍ତରକାରୀ ଏବଂ ହସ୍ତାନ୍ତରଗ୍ରାହୀଙ୍କ ମଧ୍ୟରେ ସମ୍ପର୍କ ସେହିପରି ରହିଥାଏ ଯେପରି ତାହା ସୀମାବଦ୍ଧତାର ଅବଧି ମଧ୍ୟରେ ଥିଲା । ତେଣୁ, ଏକ ଚୁକ୍ତିର ଆଂଶିକ ଅନୁପାଳନ ସ୍ଵରୂପ ସମ୍ପତ୍ତି ଉପରେ ନିଆଯାଇଥିବା ଦଖଲକୁ ସୁରକ୍ଷିତ ରଖିବା ଆବଶ୍ୟକ, ଯଦିଓ ସର୍ତ୍ତାନୁସାରେ ନିଷ୍ପାଦନ ପାଇଁ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାର ସୀମାବଦ୍ଧତାର ଅବଧି ସମାପ୍ତ ହୋଇଯାଇଥାଏ ।

ବିଶେଷ କମିଟିର ଉପରୋକ୍ତ ସୁପାରିଶ ଭାରତ ସରକାରଙ୍କ ଦ୍ଵାରା ଗୃହୀତ ହୋଇଥିଲା, ଯାହା ସଂଶୋଧନ ଅଧିନିୟମ, 1929 ର ଲକ୍ଷ୍ୟ ଏବଂ ଉଦ୍ଦେଶ୍ୟରେ ସ୍ଵଷ୍ଟ ଭାବେ ପ୍ରତିଫଳିତ ହୋଇଛି, ଯଦ୍ଵାରା ଅଧିନିୟମରେ ଧାରା 53-A କୁ ସନ୍ନିବେଶିତ କରାଯାଇଥିଲା ।

ବିଶେଷ କମିଟିର ବିବରଣୀ, ଯାହା ସଂଶୋଧନ ଅଧିନିୟମ, 1929 ର ଲକ୍ଷ୍ୟ ଏବଂ ଉଦ୍ଦେଶ୍ୟରେ ପ୍ରତିଫଳିତ, ଦର୍ଶାଏ ଯେ ଧାରା 53-A ପ୍ରଣୟନ କରିବାର ଅନ୍ୟତମ ଉଦ୍ଦେଶ୍ୟ ଥିଲା ଏଭଳି ଜଣେ ହସ୍ତାନ୍ତରଗ୍ରାହୀଙ୍କୁ ସୁରକ୍ଷା ପ୍ରଦାନ କରିବା, ଯିଏ ଚୁକ୍ତିର ଆଂଶିକ ଅନୁପାଳନ ସ୍ୱରୂପ ସମ୍ପତ୍ତିର ଦଖଲ ନେଇଛନ୍ତି, ଯଦିଓ ସର୍ତ୍ତାନୁସାରେ ନିଷ୍ପାଦନ ପାଇଁ ଏକ ମକଦ୍ଦମା ଦାୟର କରିବାର ସୀମାବଦ୍ଧତା ଅବଧି ସମାପ୍ତ ହୋଇସାରିଛି । ସେହି ଦୃଷ୍ଟିକୋଣରୁ, ଧାରା 53-A ର ବ୍ୟାଖ୍ୟା ବିଶେଷ କମିଟିର ବିବରଣୀର ସୁପାରିଶ ଏବଂ ଅଧିନିୟମର ସଂଶୋଧନ ଅଧିନିୟମ, 1929 ରେ ସନ୍ନିହିତ ଲକ୍ଷ୍ୟ ଓ ଉଦ୍ଦେଶ୍ୟକୁ ଆଧାର କରି କରାଯିବା ଆବଶ୍ୟକ, ବିଶେଷ କରି ଯେତେବେଳେ ଧାରା 53-A ସ୍ୱୟଂ ଜଣେ ହସ୍ତାନ୍ତରଗ୍ରାହୀଙ୍କ ଦ୍ୱାରା ପ୍ରତିରକ୍ଷା ସ୍ୱରୂପ ନିଜର ଦଖଲ ସୁରକ୍ଷିତ ରଖିବା ପାଇଁ ଧାରା 53-A ଅଧୀନରେ ଉପସ୍ଥାପିତ ଯୁକ୍ତି ଉପରେ କୌଣସି ପ୍ରତିବନ୍ଧକ ଲଗାଏ ନାହିଁ, ଯଦିଓ ସର୍ତ୍ତାନୁସାରେ ନିଷ୍ପାଦନ ପାଇଁ ମକଦ୍ଦମା ଦାୟର କରିବାର ସୀମାବଦ୍ଧତା ଅବଧି ସମାପ୍ତ ହୋଇସାରିଛି ।

ତେବେ କେତେକ ସର୍ତ୍ତ ରହିଛି ଯାହା ପୂରଣ ହେବା ଆବଶ୍ୟକ ଯଦି ଜଣେ ହସ୍ତାନ୍ତରଗ୍ରାହୀ ଅଧିନିୟମର ଧାରା 53-A ଅଧୀନରେ ନିଜର ଦଖଲକୁ ପ୍ରତିରକ୍ଷା କରିବାକୁ କିମ୍ବା ସୁରକ୍ଷିତ ରଖିବାକୁ ଚାହାଁନ୍ତି । ସେହି ଆବଶ୍ୟକୀୟ ସର୍ତ୍ତଗୁଡ଼ିକ ହେଉଛି —

(1) କୌଣସି ସ୍ଥାବର ସମ୍ପତ୍ତିକୁ ପ୍ରତିଫଳ ମୂଲ୍ୟ ବିନିମୟରେ ହସ୍ତାନ୍ତର କରିବା ପାଇଁ ଏକ ଚୁକ୍ତିନାମା ରହିବା ଆବଶ୍ୟକ;

(2) ଚୁକ୍ତିନାମାଟି ଲିଖିତ ରୂପରେ ହୋଇଥିବ ଏବଂ ହସ୍ତାନ୍ତରକାରୀଙ୍କ ଦ୍ୱାରା ବା ତାଙ୍କ ତରଫରୁ କୌଣସି ବ୍ୟକ୍ତିଙ୍କ ଦ୍ୱାରା ସ୍ୱାକ୍ଷରିତ ହୋଇଥିବ;

(3) ଲିଖିତ ଶବ୍ଦଗୁଡ଼ିକ ଏଭଳି ହୋଇଥିବ ଯେଉଁଥିରୁ ହସ୍ତାନ୍ତର ପ୍ରକ୍ରିୟାର ବ୍ୟାଖ୍ୟା ପାଇଁ ଆବଶ୍ୟକ ସର୍ତ୍ତାବଳୀ ନିରୂପଣ କରାଯାଇପାରୁଥିବ;

(4) ହସ୍ତାନ୍ତରଗ୍ରାହୀ ଚୁକ୍ତିର ଆଂଶିକ ଅନୁପାଳନ ସ୍ୱରୂପ ଉକ୍ତ ସମ୍ପତ୍ତିର କିମ୍ବା ତାହାର କୌଣସି ଅଂଶର ଦଖଲ ନେଇଥିବେ;

(5) ହସ୍ତାନ୍ତରଗ୍ରାହୀ ଚୁକ୍ତିନାମାକୁ ଆଗକୁ ବଢ଼ାଇବା ଉଦ୍ଦେଶ୍ୟରେ କୌଣସି କାର୍ଯ୍ୟ କରିଥିବେ; ଏବଂ

(6) ହସ୍ତାନ୍ତରଗ୍ରାହୀ ଚୁକ୍ତିର ତାଙ୍କ ପକ୍ଷର ସର୍ତ୍ତ ସମ୍ପାଦନ କରିଥିବେ କିମ୍ବା ସମ୍ପାଦନ କରିବାକୁ ପ୍ରସ୍ତୁତ ଥିବେ ।

ତେଣୁ, ଆମର ମତ ହେଉଛି ଯେ ଯଦି ଉପରେ ଗଣନା କରାଯାଇଥିବା ସର୍ତ୍ତଗୁଡ଼ିକର ଅନୁପାଳନ କରାଯାଏ, ତେବେ ସୀମାବଦ୍ଧତା ଆଇନ ଜଣେ ପ୍ରତିବାଦୀଙ୍କ ପାଇଁ ଅଧିନିୟମର ଧାରା 53-A ଅଧୀନରେ ବିବାଦୀୟ ସମ୍ପତ୍ତିର ଦଖଲ ସୁରକ୍ଷିତ ରଖିବା ନିମନ୍ତେ ଯୁକ୍ତି ଉପସ୍ଥାପନ କରିବାରେ ବାଧା ସୃଷ୍ଟି କରେନାହିଁ, ଯଦିଓ ଚୁକ୍ତିର ସର୍ତ୍ତାନୁସାରେ ନିଷ୍ପାଦନ ପାଇଁ ମକଦ୍ଦମା ତମାଦି ହୋଇଯାଇଥାଏ ।

ଏହି ବିଷୟକୁ ଅନ୍ୟ ଏକ ଦୃଷ୍ଟିକୋଣରୁ ମଧ୍ୟ ବିଚାର କରାଯାଇପାରେ । ସୀମାବଦ୍ଧତାର ଅବଧିର ପ୍ରତିଷ୍ଠିତ ନିୟମ ହେଉଛି ଯେ, ପ୍ରତିରକ୍ଷା ସ୍ୱରୂପ ଉପସ୍ଥାପିତ କୌଣସି ଯୁକ୍ତି ପ୍ରତି ସୀମାବଦ୍ଧତା ଆଇନ ପ୍ରଯୁଜ୍ୟ ହୁଏନାହିଁ, ଯେପର୍ଯ୍ୟନ୍ତ ବିଧିରେ ଏଥିପାଇଁ କୌଣସି ସ୍ୱଷ୍ଟ ପ୍ରାବଧାନ କରାଯାଇନଥାଏ । ସୀମାବଦ୍ଧତା ଆଇନ ମକଦ୍ଦମା ଏବଂ ଆବେଦନ ପତ୍ରଗୁଡ଼ିକ ପ୍ରତି ପ୍ରଯୁଜ୍ୟ ହୋଇଥାଏ । ସୀମାବଦ୍ଧତା ଅଧିନିୟମର ବିଭିନ୍ନ ଅନୁଚ୍ଛେଦଗୁଡ଼ିକ ଦର୍ଶାଏ ଯେ, ସେଗୁଡ଼ିକ ମକଦ୍ଦମାରେ ଜଣେ ପ୍ରତିବାଦୀଙ୍କ ଦ୍ୱାରା ନିଆଯାଇଥିବା ପ୍ରତିରକ୍ଷା ପ୍ରତି ପ୍ରଯୁଜ୍ୟ ହୁଅନ୍ତି ନାହିଁ । ଏହିପରି ଭାବେ, ସୀମାବଦ୍ଧତା ଆଇନ କେବଳ ନ୍ୟାୟାଳୟରେ ଆଇନଗତ କାର୍ଯ୍ୟାନୁଷ୍ଠାନକୁ ବାରଣ କରିଥାଏ । ପ୍ରକୃତରେ, ସୀମାବଦ୍ଧତା ଅଧିନିୟମ ଯାହା କରେ, ତାହା ହେଉଛି ଜଣେ ବାଦୀଙ୍କର ନ୍ୟାୟାଳୟରେ ମକଦ୍ଦମା ଦାୟର କରି ନିଜର ଅଧିକାର ସାବ୍ୟସ୍ତ କରିବାର ପ୍ରତିକାରକୁ ଛଡ଼ାଇ ନିଏ, କିନ୍ତୁ ଏହା ପ୍ରତିବାଦୀଙ୍କ ଉପରେ କୌଣସି ପ୍ରତିବନ୍ଧକ ଲଗାଏ ନାହିଁ କୌଣସି ପ୍ରତିରକ୍ଷା ଉପସ୍ଥାପନ କରିବା ପାଇଁ, ଯଦିଓ ତାଙ୍କ ଦ୍ୱାରା ଦାବି ସ୍ୱରୂପ ଉପସ୍ଥାପିତ ସେହି ପ୍ରତିରକ୍ଷାଟି ତମାଦି ହୋଇଥାଇପାରେ ଏବଂ ତାହାକୁ ଏକ ଅଦାଲତରେ କାର୍ଯ୍ୟକାରୀ କରାଯାଇପାରିବ ନାହିଁ । ସେହି ସିଦ୍ଧାନ୍ତ ଆଧାରରେ, ମକଦ୍ଦମାରେ ଜଣେ ପ୍ରତିବାଦୀ ଯେକୌଣସି ପ୍ରତିରକ୍ଷା ଉପସ୍ଥାପନ କରିପାରିବେ, ଯଦିଓ ସେହି ପ୍ରତିରକ୍ଷାଟି ତମାଦି ହେବା ହେତୁ ଅଦାଲତରେ କାର୍ଯ୍ୟକାରୀ ହେବା ଯୋଗ୍ୟ ହୋଇନଥାଇପାରେ ।

*ଏମ୍.କେ. ଭେଙ୍କଟାଚାରୀ ଏବଂ ଅନ୍ୟମାନେ ବନାମ ଆଇ.ଏ.ଆର୍. ଅରୁଣାଚଳମ୍ ପିଲ୍ଲାଇ ଏବଂ ଅନ୍ୟମାନେ*, AIR (1967) Madras, 410, ମାମଲାରେ ଏହା ନିର୍ଣ୍ଣୟ କରାଯାଇଥିଲା:

> "ସୀମାବଦ୍ଧତାର ପ୍ରତିରକ୍ଷା ହେଉଛି ଏକ ସକାରାତ୍ମକ ଆଇନର ସୃଷ୍ଟି ଏବଂ ତେଣୁ, ଏହାକୁ ଏଭଳି ମାମଲାଗୁଡ଼ିକ ପ୍ରତି ବିସ୍ତାରିତ କରାଯାଇପାରିବ ନାହିଁ ଯାହା ସ୍ପଷ୍ଟ ଭାବେ ଉକ୍ତ ବିଧାନର ପରିସରଭୁକ୍ତ ନୁହେଁ । ସାଦୃଶ୍ୟ କିମ୍ବା ଯୁକ୍ତି ଦ୍ୱାରା ସୀମାବଦ୍ଧତାର ବୈଧାନିକ ପ୍ରାବଧାନଗୁଡ଼ିକର ପରିସରକୁ ବୃଦ୍ଧି ନକରିବା ହେଉଛି ସୀମାବଦ୍ଧତା ଆଇନର ବ୍ୟାଖ୍ୟାର ଏକ ପ୍ରତିଷ୍ଠିତ ନିୟମ ।"

ତେଣୁ, ଏହା ସ୍ପଷ୍ଟ ଯେ ସୀମାବଦ୍ଧତା ଅଧିନିୟମ କୌଣସି ପ୍ରତିରକ୍ଷାକୁ ବିଲୁପ୍ତ କରେନାହିଁ, ବରଂ କେବଳ ପ୍ରତିକାରକୁ ବାରଣ କରିଥାଏ । ଯେହେତୁ ସୀମାବଦ୍ଧତା ଅବଧି ଏକ ଚୁକ୍ତିର ସର୍ତ୍ତାନୁସାରେ ନିଷ୍ପାଦନ ପାଇଁ ଦାୟର ହେବାକୁ ଥିବା ମକଦ୍ଦମାକୁ ବାରଣ କରେ (ଯଦି ତାହା ସୀମାବଦ୍ଧତାର ଅବଧି ସମାପ୍ତ ପରେ ଦାୟର କରାଯାଏ), ହସ୍ତାନ୍ତରକାରୀଙ୍କ ଦ୍ୱାରା ଦଖଲ ଉଦ୍ଧାର ପାଇଁ ଦାୟର କରାଯାଇଥିବା ମକଦ୍ଦମାରେ ଜଣେ ପ୍ରତିବାଦୀଙ୍କ ପାଇଁ ଚୁକ୍ତିର ଆଂଶିକ ଅନୁପାଳନକୁ ନିଜ ଦଖଲ ସୁରକ୍ଷିତ ରଖିବା ନିମନ୍ତେ ପ୍ରତିରକ୍ଷା ସ୍ୱରୂପ ଉପସ୍ଥାପନ କରିବାର ବିକଳ୍ପ ଖୋଲା ରହିଛି, ଯଦିଓ ସେ ମକଦ୍ଦମା ବା କାର୍ଯ୍ୟାନୁଷ୍ଠାନ ମାଧ୍ୟମରେ ସେହି ଅଧିକାରକୁ କାର୍ଯ୍ୟକାରୀ କରିବାକୁ ସକ୍ଷମ ହୋଇନପାରନ୍ତି ।

ବର୍ତ୍ତମାନର ମାମଲାରେ, ଏହା ଅବିବାଦିତ ଯେ ହସ୍ତାନ୍ତରଗ୍ରାହୀ ଚୁକ୍ତିର ଆଂଶିକ ଅନୁପାଳନ ସ୍ୱରୂପ ସମ୍ପତ୍ତିର ଦଖଲ ନେଇଛନ୍ତି । ଏହା ମଧ୍ୟ ଅବିବାଦିତ ଯେ ହସ୍ତାନ୍ତରଗ୍ରାହୀ ସୀମାବଦ୍ଧତାର ଅବଧି ମଧ୍ୟରେ ବିକ୍ରୟ ଚୁକ୍ତିନାମାର ସର୍ତ୍ତାନୁସାରେ ନିଷ୍ପାଦନ ପାଇଁ କୌଣସି ମକଦ୍ଦମା ଦାୟର କରିନାହାନ୍ତି । ଏହା ମଧ୍ୟ ଅବିବାଦିତ ଯେ ହସ୍ତାନ୍ତରଗ୍ରାହୀ ସଦାସର୍ବଦା ଚୁକ୍ତିର ନିଜ ପକ୍ଷର ସର୍ତ୍ତ ସମ୍ପାଦନ କରିବାକୁ ପ୍ରସ୍ତୁତ ଏବଂ ଇଚ୍ଛୁକ ଥିଲେ ଓ ଅଛନ୍ତି । ଆହୁରି ମଧ୍ୟ, ଅପିଲରେ ଥିବା ଆପେକ୍ଷିତ ରାୟରେ ଉଚ୍ଚ ନ୍ୟାୟାଳୟଙ୍କ ଦ୍ୱାରା ଗ୍ରହଣ କରାଯାଇଥିବା ଦୃଷ୍ଟିକୋଣ ବମ୍ବେ ଉଚ୍ଚ ନ୍ୟାୟାଳୟଙ୍କ ପୂର୍ଣ୍ଣାଙ୍ଗ ନ୍ୟାୟପୀଠଙ୍କ ଦ୍ୱାରା *ମହାଦେଓ ନାଥୁଜୀ ପାଟିଲ୍ ବନାମ ସୁରଜବାଇ ଖୁସାଲ୍ ଚନ୍ଦ୍ ଲଙ୍କଡ୍ ଏବଂ ଅନ୍ୟମାନେ*, (1994) Maharashtra Law Journal, 1145, ମାମଲାରେ ବାତିଲ କରାଯାଇଥିଲା, ଯାହା ଆମ ମତରେ ଆଇନର ସଠିକ୍ ସ୍ଥିତିକୁ ପ୍ରତିପାଦିତ କରେ । ସେହି ଦୃଷ୍ଟିକୋଣରୁ ଏହି ଅପିଲଗୁଡ଼ିକ ମଞ୍ଜୁର ହେବା ଯୋଗ୍ୟ ।

ଯେହେତୁ ଉଚ୍ଚ ନ୍ୟାୟାଳୟ କେବଳ ଏହି ଆଧାରରେ ଅପିଲ ମଞ୍ଜୁର କରିଥିଲେ ଯେ ସର୍ତ୍ତାନୁସାରେ ନିଷ୍ପାଦନ ପାଇଁ ଏକ ମକଦ୍ଦମା ଦାୟର କରିବାର ପ୍ରତିକାର ଶେଷ ହୋଇଯାଇଛି, ତେଣୁ ପ୍ରତିବାଦୀ ଅଧିନିୟମର ଧାରା 53-A ଅଧୀନରେ ନିଜର ଦଖଲ ସୁରକ୍ଷିତ ରଖିବାକୁ

ହକଦାର ନୁହଁନ୍ତି, ଆମେ ଆପତ୍ତି କରାଯାଇଥିବା ଉକ୍ତ ରାୟକୁ ବାତିଲ କରିବା ପରେ, ଏହି ଅପିଲଗୁଡ଼ିକରେ ଯଦି ଅନ୍ୟ କୌଣସି ବିଧିଗତ ପ୍ରଶ୍ନ ଉଠେ, ତେବେ ତାହାର ନିଷ୍ପତ୍ତି ପାଇଁ ମାମଲାଗୁଡ଼ିକୁ ପୁନର୍ବାର ଉଚ୍ଚ ନ୍ୟାୟାଳୟଙ୍କ ନିକଟକୁ ପଠାଉଛୁ ।

ଫଳସ୍ୱରୂପ, ଅପିଲଗୁଡ଼ିକୁ ମଞ୍ଜୁର କରାଗଲା । ମକଦ୍ଦମା ଖର୍ଚ୍ଚ ବାବଦରେ କୌଣସି ଆଦେଶ ଦିଆଗଲା ନାହିଁ ।

ଏନ୍.ଜେ. ଅପିଲଗୁଡ଼ିକ ମଞ୍ଜୁର ହେଲା ।

**ଅସ୍ୱୀକରଣ**

"ଉପଭାଷାରେ ଅନୁବାଦିତ ରାୟ କେବଳ ମକଦ୍ଦମାରେ ପକ୍ଷଭୁକ୍ତ ବ୍ୟକ୍ତିଙ୍କର ସୀମିତ ବ୍ୟବହାର ଏବଂ ତାଙ୍କ ଆଞ୍ଚଳିକ ଭାଷାରେ ବୋଧଗମ୍ୟ ହେବା ନିମନ୍ତେ ଉଦ୍ଦିଷ୍ଟ ଏବଂ ଅନ୍ୟ କୌଣସି ଉଦ୍ଦେଶ୍ୟ ନିମନ୍ତେ ଏହା ବ୍ୟବହାର କରାଯାଇନପାରେ । ସମସ୍ତ ବ୍ୟବହାରିକ ଏବଂ ସରକାରୀ ଉଦ୍ଦେଶ୍ୟ ନିମନ୍ତେ ରାୟର ଇଂରାଜୀ ସଂସ୍କରଣଟି ପ୍ରାମାଣିକ ବିବେଚିତ ହେବ ଏବଂ ସମସ୍ତ କାର୍ଯ୍ୟାନ୍ୱୟନ ଏବଂ ନିଷ୍ପାଦନ ନିମନ୍ତେ ଏହା ଉପଯୁକ୍ତ ବିବେଚିତ ହେବ" ।

***ଭାଷାନ୍ତର :***

**ଅମରେଶ୍ୱର ମିଶ୍ର, ଅନୁବାଦକ,**
**ଓଡ଼ିଶା ଉଚ୍ଚ ନ୍ୟାୟାଳୟ, କଟକ ।**